## ଦୁର୍ଘଟଣାରେ ୨ ଯୁବକ ମୃତ

ଦେଓଗାଁ,୨୫।୧(ଡି.ଏନ୍.ଏ.)-ବଲାଙ୍ଗୀର ଜିଲା ଦେଓଗାଁ ଥାନା ଧଣ୍ଡାମାଲ -ରୁଗୁଡିପାଲି ରାସ୍ତା ପାର୍ଶ୍ୱ ଏକ ସିମେଣ୍ଟ ଖୁଣ୍ଟରେ ବୁଧବାର ବାଇକ୍ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହେବାରୁ ରୁଗୁଡିପାଲି ଗାଁର ଶଙ୍କର କାଲସେ ଓ ଆକାଶ ଖେତିଙ୍କ ମୃତ୍ୟୁ ଘଟିଛି। ବନ୍ଧପଡା ଫାଣ୍ଡି ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।
















# ବାସ୍ତବଧର୍ମୀ ନିର୍ଦ୍ଦେଶିକା ସାଧନା ସୁବ୍ରମଣ୍ୟମ୍

## ମୋଦିଙ୍କ ଉପରେ ବିବିସି ଡକ୍ୟୁମେଣ୍ଟାରିକୁ ନେଇ ଚର୍ଚ୍ଚିତ

**ଲଣ୍ଡନ,୨୫।୧:** ୨୦୦୨ ଗୁଜରାଟ ଦଙ୍ଗା ପାଇଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦାୟୀ କରି ବ୍ରିଟିଶ୍ ବ୍ରଡ୍‌କାଷ୍ଟିଂ କର୍ପୋରେଶନ୍(ବିବିସି) ପକ୍ଷରୁ ପ୍ରଦର୍ଶିତ ବିବାଦୀୟ ଡକ୍ୟୁମେଣ୍ଟାରି 'ଇଣ୍ଡିଆ: ଦି ମୋଦି କୋଶ୍ଚିନ' ଭାରତ ସମେତ ବିଭିନ୍ନ ଦେଶରେ ହଟଚମଟ ସୃଷ୍ଟି କରିଛି। ଗତ ୧୮ ତାରିଖ ରାତିରେ ବ୍ରିଟେନ୍‌ର ନ୍ୟାଶନାଲ ବ୍ରଡ୍‌କାଷ୍ଟର୍ ବିବିସିରେ ଏହାର ପ୍ରଥମ ଭାଗ ପ୍ରଦର୍ଶିତ ହୋଇଥିବାବେଳେ ୨୫ ତାରିଖ ରାତିରେ ବ୍ରିଟେନ୍‌ବାସୀ ଏହାର ପାର୍ଟ-୨କୁ ଦେଖିଛନ୍ତି। ଦଙ୍ଗାରେ ଭାରତର ପ୍ରଧାନମନ୍ତ୍ରୀଙ୍କ ଭୂମିକାକୁ ନେଇ ଗତିଶୀଳ ହୋଇଥିବା ଏହି ସିରିଜ୍‌ର ନିର୍ଦ୍ଦେଶିକା ହେଉଛନ୍ତି ସାଧନା ସୁବ୍ରମଣ୍ୟମ୍। ସାଧନା ଜଣେ ଏମି ମନୋନୀତ ବୃତ୍ତଚିତ୍ର ନିର୍ଦ୍ଦେଶିକା। ତାଙ୍କ ପ୍ରଥମ ଡକ୍ୟୁମେଣ୍ଟାରି 'ଇଣ୍ଡିଆଜ୍ ଫର୍ବିଡେନ୍ ଲଭ୍' ଇଣ୍ଟରନ୍ୟାଶନାଲ୍ ଏମି ଆୱାର୍ଡ ପାଇବା ପାଇଁ ମନୋନୀତ ହୋଇଥିଲା। ୨୦୧୮ରେ ତାମିଲ ଭାଷାରେ ନିର୍ମିତ ଏହି ଡକ୍ୟୁମେଣ୍ଟାରି ଫିଲ୍ମ କୌଶଲ୍ୟା ନାମ୍ନୀ ଜଣେ ଯୁବତୀଙ୍କ କାହାଣୀ ଉପରେ ପର୍ଯ୍ୟବସିତ। କୌଶଲ୍ୟାଙ୍କ ସ୍ୱାମୀଙ୍କୁ ଏକ ହାଇୱେ ଉପରେ ଗୁଣ୍ଡାମାନେ ପିଟି ପିଟି ମାରି ଦେଇଥିଲେ। ଜାତିଗତ ବୈଷମ୍ୟର ଶିକାର ହୋଇ ସ୍ୱାମୀଙ୍କ ଜୀବନ ଯିବା ପରେ କୌଶଲ୍ୟା ନ୍ୟାୟ ପାଇଁ କିପରି ଲଢ଼େଇ କରିଥିଲେ, ଏହି ଡକ୍ୟୁମେଣ୍ଟାରିରେ ତାହା ପ୍ରଦର୍ଶିତ ହୋଇଛି।

ସାଧନା ଜଣେ ବ୍ରିଟିଶ୍ ଫିଲ୍ମ ପ୍ରଯୋଜିକା। ସୁଦୂର ପ୍ରସାରି ଭୂରାଜନୈତିକ ଅନୁସନ୍ଧାନମୂଳକ ବିଷୟବସ୍ତୁ ପ୍ରତି ତାଙ୍କର ବିଶେଷ ରୁଚି ରହିଛି। ଅନ୍ତରଙ୍ଗ ବ୍ୟକ୍ତିଗତ କାହାଣୀଗୁଡ଼ିକର ଚରିତ୍ରମାନ ତାଙ୍କ କଳାତ୍ମକ ପାରଦର୍ଶିତା ବଳରେ ଜୀବନ୍ତ ହୋଇ ଉଠନ୍ତି। ସାଧନାଙ୍କ ଡକ୍ୟୁମେଣ୍ଟାରି କେବଳ ମନୋରଞ୍ଜନଧର୍ମୀ ନୁହେଁ ବରଂ ସାମ୍ବାଦିକତା ଦୃଷ୍ଟିରୁ ମଧ୍ୟ ବିଶେଷ ଗୁରୁତ୍ୱ ବହନ କରେ। ଉଚ୍ଚମାନର, ମହତ୍ତ୍ୱାକାଂକ୍ଷୀ ଏବଂ ମୌଳିକତା ଭରି ରହିଥିବା ତାଙ୍କ ଡକ୍ୟୁମେଣ୍ଟାରି ଅନ୍ତର୍ଜାତୀୟ କ୍ରିଟିକ୍‌ମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଏହି କ୍ଷେତ୍ରରେ ହସ୍ତସିଦ୍ଧା ସାଧନା ଟିଭି, ଅନ୍‌ଲାଇନ୍ ପ୍ଲାଟଫର୍ମ, ଇଣ୍ଟରନ୍ୟାଶନାଲ୍ କ୍ଲାଏଣ୍ଟ୍ସ ଏବଂ ଅଣଲାଭକାରୀ ସଂସ୍ଥାଗୁଡ଼ିକ ପାଇଁ ବିଷୟବସ୍ତୁ (କଣ୍ଟେଣ୍ଟ) ଲେଖିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଥାନ୍ତି। ସେ ଅଲଜଜିରା, ଚ୍ୟାନେଲ୍-୪ ଏବଂ ବିବିସି ଭଳି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଗଣମାଧ୍ୟମରେ କାର୍ଯ୍ୟ କରିଛନ୍ତି। ୟୁନିଭର୍ସିଟି କଲେଜ୍ ଲଣ୍ଡନ (ୟୁସିଏଲ୍)ରେ ଡକ୍ୟୁମେଣ୍ଟାରି ଫିଲ୍ମମେକିଂ ପାଠ୍ୟକ୍ରମରେ ସେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି।

ଲଣ୍ଡନରେ ଅବସ୍ଥାନ କରୁଥିବା ସାଧନାଙ୍କ ନିର୍ଦ୍ଦେଶିତ 'ଇଣ୍ଡିଆ: ଦି ମୋଦି କୋଶ୍ଚିନ'ର ଦ୍ୱିତୀୟ ଭାଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୯ରେ ଦ୍ୱିତୀୟଥର ନିର୍ବାଚିତ ହେବାପରେ ସଂଖ୍ୟାଲଘୁ ମୁସଲମାନ ସମୁଦାୟ ସହ ତାଙ୍କ ସମ୍ପର୍କର ଅବତାରଣା କରାଯାଇଛି। ଏଥିସହ ୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟାଯିବା, କେନ୍ଦ୍ରର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ପ୍ରଣୟନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ଶୁଣାଣି ଅଦ୍ୟାବଧି ସୁପ୍ରିମକୋର୍ଟରେ କରା ନ ଯିବା ନେଇ ପାର୍ଟ-୨ରେ ପ୍ରଶ୍ନ ଉଠାଯାଇଛି। ବିବିସି ସିରିଜ୍‌ର ଏହି ବୃତ୍ତାନ୍ତ ଏପିସୋଡ୍‌ରେ ନିରପେକ୍ଷ ରିପୋର୍ଟଗୁଡ଼ିକୁ ଆଧାର କରାଯାଇଛି। ପ୍ରଭାବିତ ପକ୍ଷ, ଗବେଷକ, ପ୍ରେସ୍ ତଥା ସିଭିଲ୍ ସୋସାଇଟି ସଦସ୍ୟଙ୍କ ମନ୍ତବ୍ୟକୁ ମଧ୍ୟ ବୃତ୍ତଚିତ୍ରରେ ସ୍ଥାନିତ କରାଯାଇଛି। ଭାଜପା ଚିନ୍ତାଧାରାର ପ୍ରତିନିଧିତ୍ୱ କରୁଥିବା ପୂର୍ବତନ ଏମ୍‌ପି ସ୍ୱପନ ଦାସଗୁପ୍ତାଙ୍କ ସମେତ ୩ ଜଣ ନେତାଙ୍କ ବିସ୍ତୃତ ମତାମତ ଡକ୍ୟୁମେଣ୍ଟାରିରେ ରଖାଯାଇଛି।



ସାଧନା ସୁବ୍ରମଣ୍ୟମ୍









